ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡିଙ୍କ ଅଚାନକ ଗସ୍ତ

## ତଦାରଖ କଲେ ଭୁବନେଶ୍ୱର ତହସିଲ୍‌ର କାର୍ଯ୍ୟକାରିତା

ଭୁବନେଶ୍ୱର, ୦୪/୦୧/୨୦୨୦

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି ଭୁବନେଶ୍ୱର ତହସିଲ ଅଚାନକ ପରିଦର୍ଶନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତ ମନ୍ତ୍ରୀମାନଙ୍କୁ ଅଚାନକ ପରିଦର୍ଶନ କରିବାକୁ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଭୁବନେଶ୍ୱର ତହସିଲ୍ ପରିଦର୍ଶନ କରି ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ । ବସୁନ୍ଧରା ଅନ୍ତର୍ଗତ ଘରଡିହ ପଟ୍ଟା ଆବଣ୍ଟନ, ଓଡ଼ିଶା ଭୂସଂସ୍କାର ଆଇନର ଧାରା ୮ (କ) ଓ ଧାରା ୧୯(୧)(ଗ) ଅନ୍ତର୍ଗତ ମାମଲାର ଫଇସଲା, ମ୍ୟୁଟେସନ୍ କେସ୍ ଫଇସଲା, ବିଭିନ୍ନ ପ୍ରମାଣପତ୍ର ଯୋଗାଇଦେବା, ସରକାରୀ ଜମି ସୁରକ୍ଷା ଆଦି କାର୍ଯ୍ୟକୁ ୫ ‘ଟି’ ଆଧାରରେ ସଂପାଦନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ତହସିଲ୍‌ଦାର ଓ ଅନ୍ୟ କର୍ମଚାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ନିଷ୍ଠା ଓ ସ୍ୱଚ୍ଛତାର ସହ କାର୍ଯ୍ୟକରିବା ସହିତ ସମୟାନୁବର୍ତ୍ତୀ ସେବା ପ୍ରଦାନପୂର୍ବକ ଓଡ଼ିଶା ଲୋକସେବା ଅଧିକାର ଆଇନ ତଥା ୫ ‘ଟି’ ମନ୍ତ୍ରର ସଠିକ୍ ପ୍ରଣୟନ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ଭୁବନେଶ୍ୱର ଉପଜିଲ୍ଲାପାଳ, ତହସିଲ୍‌ଦାର ଓ ତହସିଲ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ ।

ଭବାନୀ ଶଙ୍କର ଭୂୟାଁ
ସୂଚନା ଅଧିକାରୀ